# The Odisha Gazette

**EXTRAORDINARY**
**PUBLISHED BY AUTHORITY**

**No. 2035, CUTTACK, WEDNESDAY, JUNE 15, 2022 / JAISTHA 25, 1944**


## HOME (ELECTIONS) DEPARTMENT

NOTIFICATION

The 15th June, 2022

No.4189–VE(A)-25/2022/Elec.— The following public notice dated 15th June,2022 published by Returning Officer for the Presidential Election,2022 and Secretary-General, Rajya Sabha in the Gazette of India, Extraordinary, Part-II, Section 3 (iii) dated 15th June, 2022 is hereby republished for general information.

By Order,

SUSHIL KUMAR LOHANI
Chief Electoral Officer & *Ex Officio*
Principal Secretary to Government

**FORM 1**

*(See rule 3 of the Presidential and Vice-Presidential Elections Rules, 1974)*

**PUBLIC NOTICE**
**OF**
**ELECTION TO THE OFFICE OF PRESIDENT OF INDIA**

WHEREAS a notification under sub-section (1) of section 4 of the Presidential and Vice-Presidential Elections Act, 1952, for the holding of an election to fill the office of President of India has been issued by the Election Commission, I, P.C. Mody, the Returning Officer for such election, do hereby give notice that—

(i) nomination papers may be delivered by a candidate or any one of his proposers or seconders to the undersigned at his office in Room No.29, Ground Floor, Parliament House, New Delhi, or if he is unavoidably absent, to the Assistant Returning Officers, Shri Mukul Pande, Officer on Special Duty (OSD)/Shri Surendra Kumar Tripathi, Joint Secretary and Chief

Vigilance Officer, Rajya Sabha Secretariat at the said office between 11.00 A.M. and 3.00 P.M. on any day (other than a public holiday) not later than the **29th of June, 2022**;

(ii) each nomination paper shall be accompanied by a certified copy of the entry relating to the candidate in the electoral roll for the Parliamentary constituency in which the candidate is registered as an elector;

(iii) every candidate shall deposit or cause to be deposited a sum of Rupees Fifteen Thousand only. This amount may be deposited in cash with the Returning Officer at the time of presentation of the nomination paper or deposited earlier in the Reserve Bank of India or in a Government Treasury and in the latter case a receipt showing that the said deposit of the sum has been so made is required to be enclosed with the nomination paper;

(iv) forms of nomination papers may be obtained from the above said office at the time aforesaid;

(v) the nomination papers, other than those rejected under sub- section (4) of section 5B of the Act, will be taken up for scrutiny at Committee Room No.62, First Floor, Parliament House, New Delhi on **Thursday, the 30th of June, 2022 at 11.00 A.M.;**

(vi) the notice of withdrawal of candidatures may be delivered by a candidate, or any one of his proposers or seconders who has been authorised in this behalf in writing by the candidate, to the undersigned at the place specified in paragraph (i) above **before three o'clock in the afternoon of 2nd of July, 2022;**

(vii) in the event of the election being contested, the poll will be taken on **Monday, the 18th of July, 2022** between hours of **10.00 A.M. and 5.00 P.M**. at the places of polling fixed under the rules.

Sd/-

New Delhi
Dated the 15th of June, 2022

(P.C. MODY)
RETURNING OFFICER FOR THE PRESIDENTIAL ELECTION, 2022
AND
SECRETARY – GENERAL
RAJYA SABHA

# ସ୍ୱରାଷ୍ଟ୍ର (ନିର୍ବାଚନ) ବିଭାଗ

## <u>ଅଧିସୂଚନା</u>

**ତାରିଖ – ୧୫.୦୬.୨୦୨୨**

**ସଂଖ୍ୟା.-** ୪୧୮୯.-VE (A) - ୨୫/୨୦୨୨/Elec.– ତା **୧୫.୦୬.୨୦୨୨** ରିଖ ଇଣ୍ଡିଆ ଗେଜେଟ୍, ଅସାଧାରଣ, ଭାଗ-II, ଅନୁଭାଗ 3 (iii) ରେ ପ୍ରକାଶିତ ରାଷ୍ଟ୍ରପତି ନିର୍ବାଚନ, ୨୦୨୨ ପାଇଁ ରିଟର୍ଣ୍ଣିଂ ଅଫିସର ଏବଂ ମହାସଚିବ, ରାଜ୍ୟସଭାଙ୍କ ତା **୧୫.୦୬.୨୦୨୨ ରିଖ ସାର୍ବଜନିକ ସୂଚନାର** ଓଡିଆ ଅନୁବାଦ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପୁନଃ ପ୍ରକାଶ କରାଗଲା।

ଆଦେଶ କ୍ରମେ,

**ସୁଶୀଲ କୁମାର ଲୋହାନୀ**

ମୁଖ୍ୟ ନିର୍ବାଚନ ଅଧିକାରୀ

**ଫର୍ମ ୧**

**(ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ନିୟମାବଳୀ, ୧୯୭୪ର ନିୟମ ୩ ଦ୍ରଷ୍ଟବ୍ୟ)**

**ଭାରତର ରାଷ୍ଟ୍ରପତି ପଦ ନିର୍ବାଚନ ସମ୍ପର୍କୀତ ସାର୍ବଜନିକ ସୂଚନା**

ଯେହେତୁ ଭାରତର ରାଷ୍ଟ୍ରପତି ପଦ ପୂରଣ କରିବା ନିମିତ୍ତ ନିର୍ବାଚନ କମିଶନଙ୍କ ଦ୍ୱାରା ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଅଧିନିୟମ, ୧୯୫୨ର ଧାରା ୪ର ଉପଧାରା (୧) ଅନୁଯାୟୀ ଏକ ଅଧିସୂଚନା ପ୍ରକାଶ କରାଯାଇଛି, ମୁଁ ପି.ସି.ମୋଡି, ଏହି ନିର୍ବାଚନ ପାଇଁ ରିଟର୍ଣ୍ଣିଂ ଅଫିସର, ଏତଦ୍ୱାରା ସୂଚନା ଦେଉଅଛି ଯେ:-

(i) ମନୋନୟନ ପତ୍ରଗୁଡିକ ଜଣେ ପ୍ରାର୍ଥୀ କିମ୍ବା ତାଙ୍କର ପ୍ରସ୍ତାବକ କିମ୍ବା ସମର୍ଥକ ମାନଙ୍କ ମଧ୍ୟରୁ କୌଣସି ଜଣଙ୍କ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରକୋଷ୍ଠ ସଂଖ୍ୟା-୨୯, ତଳ ମହଲା, ସଂସଦ ଭବନ, ନୂଆଦିଲ୍ଲୀ ଠାରେ ଥିବା ତାଙ୍କ କାର୍ଯ୍ୟାଳୟରେ କିମ୍ବା ସେ ଯଦି ଅପରିହାର୍ଯ୍ୟ କାରଣ ବଶତଃ ଅନୁପସ୍ଥିତ ଥାଆନ୍ତି, ତେବେ ସହକାରୀ ରିଟର୍ଣ୍ଣିଂ ଅଫିସର ଶ୍ରୀ ମୁକୁଲ୍ ପାଣ୍ଡେ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ (ଓ.ଏସ.ଡ଼ି.)/ଶ୍ରୀ ସୁରେନ୍ଦ୍ର କୁମାର ତ୍ରିପାଠୀ, ଯୁଗ୍ମ ସଚିବ ଓ ମୁଖ୍ୟ ଭିଜିଲାନ୍ସ ଅଧିକାରୀ, ରାଜ୍ୟସଭା ସଚିବାଳୟଙ୍କୁ ଉକ୍ତ କାର୍ଯ୍ୟାଳୟରେ ତା.୨୯.୦୬.୨୦୨୨ରିଖ ସୁଦ୍ଧା (ସାର୍ବଜନୀକ ଛୁଟିଦିନ ବ୍ୟତୀତ) ଯେ କୌଣସି ଦିନ ପୂର୍ବାହ୍ନ ୧୧ ଘଣ୍ଟା ଏବଂ ଅପରାହ୍ନ ୩ ଘଣ୍ଟା ମଧ୍ୟରେ ଦିଆଯାଇ ପାରିବ ।

(ii) ପ୍ରତ୍ୟେକ ମନୋନୟନ ପତ୍ର ସହିତ ପ୍ରାର୍ଥୀ ଯେଉଁ ସଂସଦୀୟ ନିର୍ବାଚନ ମଣ୍ଡଳୀର ନିର୍ବାଚକ ନାମାବଳୀରେ ଜଣେ ନିର୍ବାଚକ ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଥିବେ ତାହାର ଏକ ପ୍ରାମାଣିତ ନକଲ ସଂଲଗ୍ନ କରାଯିବ ।

(iii) ପ୍ରତ୍ୟେକ ପ୍ରାର୍ଥୀ ପନ୍ଦର ହଜାର ଟଙ୍କା ଜମା କରିବେ ବା କରାଇବେ । ଏହି ଅର୍ଥ ମନୋନୟନ ପତ୍ର ଦାଖଲ କରିବା ସମୟରେ ରିଟର୍ଣ୍ଣିଂ ଅଫିସରଙ୍କ ଠାରେ ନଗଦ ଜମା କରାଯାଇପାରିବ କିମ୍ବା ଏଥି ପୂର୍ବରୁ ଭାରତର ରିଜର୍ଭ ବ୍ୟାଙ୍କ କିମ୍ବା ଏକ ସରକାରୀ ଟ୍ରେଜେରୀରେ ଜମା କରାଯାଇ ପାରିବ ଏବଂ ଶେଷୋକ୍ତ ଜମା କ୍ଷେତ୍ରରେ ସେହି ଅର୍ଥ ଜମା କରାଯାଇଛି ବୋଲି ଦର୍ଶାଇ ଏକ ରସିଦ ମନୋନୟନ ପତ୍ର ସହ ସଂଲଗ୍ନ କରାଯିବା ଆବଶ୍ୟକ ।

(iv) ମନୋନୟନ ପତ୍ର ଗୁଡିକର ଫର୍ମ ଉପରୋକ୍ତ କାର୍ଯ୍ୟାଳୟରୁ ଉପରୋକ୍ତ ସମୟରେ ମିଳିପାରିବ ।

(v) ଅଧିନିୟମର ଧାରା ୫(ଖ)ର ଉପଧାରା (୪) ଅନୁଯାୟୀ ଅଗ୍ରାହ୍ୟ ହୋଇଥିବା ମନୋନୟନ ପତ୍ର ଭିନ୍ନ ଅନ୍ୟ ମନୋନୟନ ପତ୍ର ଗୁଡିକ ପ୍ରକୋଷ୍ଠ ସଂଖ୍ୟା-୬୨, ପ୍ରଥମ ମହଲା, ସଂସଦ ଭବନ, ନୂଆଦିଲ୍ଲୀ ଠାରେ ଥିବା ଉକ୍ତ କାର୍ଯ୍ୟାଳୟରେ ତା.୩୦.୦୬.୨୦୨୨ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଯାଞ୍ଚ କରାଯିବ ।

(vi) ପ୍ରାର୍ଥୀତ୍ୱ ପ୍ରତ୍ୟାହାର ନିମିତ୍ତ ସୂଚନା ଜଣେ ପ୍ରାର୍ଥୀଙ୍କ ଦ୍ୱାରା କିମ୍ବା ପ୍ରାର୍ଥୀଙ୍କ ଦ୍ୱାରା ଏହି ଉପଲକ୍ଷେ ଲିଖିତ ଭାବେ ପ୍ରାଧିକୃତ ପ୍ରସ୍ତାବକ ବା ସମର୍ଥକ ମାନଙ୍କ ମଧ୍ୟରୁ କୌଣସି ଜଣଙ୍କ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କୁ ଉପରୋକ୍ତ ପାରା (୧)ରେ ବିନିର୍ଦ୍ଦିଷ୍ଟ ସ୍ଥାନରେ ତା.୦୨.୦୭.୨୦୨୨ରିଖ ଅପରାହ୍ନ ୩ ଘଣ୍ଟା ସମୟ ସୁଦ୍ଧା ଦିଆଯାଇ ପାରିବ ।

(vii) ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଲେ ନିୟମାବଳୀ ଅନୁଯାୟୀ ସ୍ଥିରୀକୃତ ଭୋଟ ଗ୍ରହଣ ସ୍ଥାନ ମାନଙ୍କରେ ତା.୧୮.୦୭.୨୦୨୨ରିଖ ଦିନ ପୂର୍ବାହ୍ନ ୧୦ଘଣ୍ଟା ଏବଂ ଅପରାହ୍ନ ୫ ଘଣ୍ଟା ମଧ୍ୟରେ ଭୋଟ ନିଆଯିବ ।

ସ୍ୱା/-

ନୂଆଦିଲ୍ଲୀ ।

ତା.୧୫.୦୬.୨୦୨୨ରିଖ ।

ପି.ସି.ମୋଡି

ରାଷ୍ଟ୍ରପତି ନିର୍ବାଚନ, ୨୦୨୨ପାଇଁ

ରିଟର୍ଣ୍ଣିଂ ଅଫିସର,

ଏବଂ

ମହାସଚିବ, ରାଜ୍ୟସଭା

Printed and Published by the Director, Printing, Stationery and Publication, Odisha, Cuttack-10
OGP/SBP Ex.Gaz.1405-183+100